**ଶ୍ରୀ ବିନୋଦ କୁମାର, ଆଇ.ଏଫ୍.ଏସ**
ସ୍ୱତନ୍ତ୍ର ସଚିବ
ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ

ଫୋନ୍ ନଂ – ୦୬୭୪ – ୨୫୩୪୮୭୧
ଫ୍ୟାକ୍ସ ନଂ – ୦୬୭୪ – ୨୩୯୬୮୦୬
ଡ଼ି.ଓ. ନଂ – ୧୨୯୭୬/ଭୁବନେଶ୍ୱର
ତାରିଖ – ୦୩/୦୪/୧୦

ମହାଶୟ

ବିଷୟ: - **ଗ୍ରାମସଭାରେ ନକ୍ସା ଓ ତଦନ୍ତ ବିବରଣୀ ଉପସ୍ଥାପନ କରିବା ସମ୍ବନ୍ଧେ ।**

ମୁଁ କହିବାକୁ ଚାହେଁ ଯେ, ମାର୍ଚ୍ଚ ମାସ ୨୨ ଓ ୨୩ ତାରିଖରେ ଅନୁଷ୍ଠିତ ହୋଇଥିବା ଭିଡ଼ିଓ କନ୍‌ଫରେନ୍ସିଂରେ ଜଣାପଡ଼ିଥିଲା କି ଆର୍.ଆଇ/ଅମିନ, ଯେଉଁମାନେ କି ଗ୍ରାମସଭାକୁ କ୍ଷେତ୍ରସ୍ତରୀୟ ତଦନ୍ତ ପ୍ରକ୍ରିୟାରେ ସହଯୋଗ କରିବା କଥା, ସେମାନେ ଆଇନ୍‌ରେ ପ୍ରଦତ୍ତ ପ୍ରକ୍ରିୟାକୁ ସଠିକ୍‌ଭାବେ କାର୍ଯ୍ୟକାରୀ କରୁନାହାନ୍ତି । ଏହା ଜାଣି ରଖିବା ଦରକାର ଯେ, ଜଙ୍ଗଲ ଅଧିକାର ଆଇନ୍‌ର ଧାରା ୬ ଓ ନିୟମ ୪ରେ ଗ୍ରାମସଭାକୁ ଜଙ୍ଗଲ ଅଧିକାରର  ସ୍ୱରୂପ ଓ ବିସ୍ତାର ନିର୍ଦ୍ଧାରଣ କରିବା ନିମନ୍ତେ କ୍ଷମତା ପ୍ରଦାନ କରାଯାଇଛି । ସୂଚୀତ ଧାରା ଓ ନିୟମ ଅନୁସାରେ ଗ୍ରାମସଭା ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ସମ୍ବନ୍ଧୀୟ ଦାବିପତ୍ର ଗ୍ରହଣ, ଏକତ୍ରିକରଣ ଏବଂ ସେଗୁଡ଼ିକୁ ତନଖି କରିବ  । ଏବଂ ଉକ୍ତ ଅଧିକାରଗୁଡ଼ିକୁ ନିର୍ଦ୍ଧାରିତ ମତେ ସାବ୍ୟସ୍ତ କରିବା ନିମନ୍ତେ ପ୍ରତ୍ୟେକ ଅନୁମୋଦିତ ଦାବିକୁ ନେଇ ସେ ଅଞ୍ଚଳର ଏକ ନକ୍ସା ପ୍ରସ୍ତୁତ କରିବ ଏବଂ ଏହି ମର୍ମରେ ଏକ ପ୍ରସ୍ତାବ ଗୃହୀତ କରି ଏହାର ଏକକିତା ନକଲ ଉପଖଣ୍ଡସ୍ତରୀୟ କମିଟିକୁ ପଠାଇବ । ନିୟମ ୧୧(୨) ଅନୁସାରେ ଜଙ୍ଗଲ ଅଧିକାର କମିଟି ଗ୍ରାମସଭାକୁ ନିମ୍ନଲିଖିତ କାର୍ଯ୍ୟନିର୍ବାହ କ୍ଷେତ୍ରରେ ସହାୟତା କରିବ:

**କ)** **ନିର୍ଦ୍ଧାରିତ ଫର୍ମରେ ଦାବିଗୁଡ଼ିକୁ ଗ୍ରହଣ କରିବା, ପ୍ରାପ୍ତି ସ୍ୱୀକାର ରସିଦ୍ ପ୍ରଦାନ କରିବା ଏବଂ ଉକ୍ତ ଦାବିଗୁଡ଼ିକର ସପକ୍ଷରେ ପ୍ରମାଣପତ୍ର ଗ୍ରହଣ କରିବା;**

**ଖ)** **ନକ୍ସା ସମେତ ଦାବୀ ଓ ପ୍ରମାଣର ରେକର୍ଡ଼ ପ୍ରସ୍ତୁତ କରିବା;**

**ଗ)** **ଜଙ୍ଗଲ ଅଧିକାର ଉପରେ ଦାବିଦାରମାନଙ୍କର ଏକ ତାଲିକା ପ୍ରସ୍ତୁତ କରିବା;**

**ଘ)** **ପ୍ରଦତ୍ତ ନିୟମାନୁଯାୟୀ ଦାବିଗୁଡ଼ିକର ସତ୍ୟାସତ୍ୟ ନିରୂପଣ କରିବା;**

**ଙ)** **ଗ୍ରାମସଭାର ବିଚାର ନିମନ୍ତେ ଦାବିଗୁଡ଼ିକର ସ୍ୱରୂପ ଓ ବିସ୍ତାର ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିବା ।**

ନିୟମ ୧୨ରେ ଜଙ୍ଗଲ ଅଧିକାର କମିଟି ଦ୍ୱାରା ଦାବିଗୁଡ଼ିକର ତଦନ୍ତ ପ୍ରଣାଳୀ ସମ୍ପର୍କରେ ନିମ୍ନପ୍ରକାରେ ବର୍ଣ୍ଣିତ ହୋଇଛି:

**୧) ଜଙ୍ଗଲ ଅଧିକାର କମିଟି ସମ୍ପୃକ୍ତ ଦାବୀଦାର ଓ ଜଙ୍ଗଲ ବିଭାଗକୁ ଉପଯୁକ୍ତ ରୂପେ ଅବଗତ କରାଇବା ପରେ,**

**କ) କ୍ଷେତ୍ର ପରିଦର୍ଶନ କରିବେ ଏବଂ ଉକ୍ତ ସ୍ଥାନରେ ଦାବିର ସତ୍ୟାସତ୍ୟ ନିରୂପଣ କରିବେ ତଥା ଦାବିର ସ୍ୱରୂପ ଓ ବିସ୍ତାରକୁ ତଦାରଖ କରିବେ ।**

**ଖ) ଦାବିଦାର୍ ଓ ସାକ୍ଷୀମାନଙ୍କଠାରୁ ଅଧିକ କିଛି ପ୍ରମାଣ ଓ ନଥି ଗ୍ରହଣ କରିବେ ।**

**ଗ) ଗୋମହିଷାଦିପାଳକ ଏବଂ ଯାଯାବର ଶ୍ରେଣୀୟ ଆଦିବାସୀଙ୍କ ଠାରୁ ସେମାନଙ୍କର ଅଧିକାର ନିରୂପଣ ସଂକ୍ରାନ୍ତୀୟ ଦାବି ବ୍ୟକ୍ତିଗତ ଅବା ଗୋଷ୍ଠୀଗତ ଅବା ପାରମ୍ପରିକ ଗୋଷ୍ଠୀ ଅନୁଷ୍ଠାନ ତରଫରୁ ପାଇବା ପରେ ସେମାନଙ୍କର ବ୍ୟକ୍ତିଗତ, ଗୋଷ୍ଠୀଗତ ଉପସ୍ଥିତିରେ କିମ୍ବା ସେମାନଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ତଦାରଖ ପ୍ରକ୍ରିୟାକୁ ନିଶ୍ଚିତ କରିବେ ।**

**ଘ) ଏକ ଆଦିମ ଆଦିବାସୀ ଗୋଷ୍ଠୀ କିମ୍ବା ପ୍ରାକ୍ କୃଷିଜୀବି ଗୋଷ୍ଠୀର ସଭ୍ୟଙ୍କଠାରୁ ସେମାନଙ୍କର ବସତି ଉପରେ ଅଧିକାର ନିରୂପଣ ସଂକ୍ରାନ୍ତୀୟ ଦାବି ସେମାନଙ୍କର ଗୋଷ୍ଠୀ କିମ୍ବା ପାରମ୍ପରିକ ଗୋଷ୍ଠୀଗତ ଅନୁଷ୍ଠାନ ତରଫରୁ ପାଇବା ପରେ ସେମାନଙ୍କର ଉପସ୍ଥିତିରେ କିମ୍ବା ସେମାନଙ୍କର ପ୍ରତିନିଧିମାନଙ୍କ ଉପସ୍ଥିତିରେ ସତ୍ୟାସତ୍ୟ ନିରୂପଣକୁ ନିଶ୍ଚିତ କରିବେ ।**

**ଙ) ସ୍ୱଷ୍ଟ ସଙ୍କେତ ଦର୍ଶାଇ ପ୍ରତ୍ୟେକ ଦାବିର କ୍ଷେତ୍ର ନିର୍ଦ୍ଧାରଣ କରୁଥିବା ଏକ ମାନଚିତ୍ର/ନକ୍ସା ପ୍ରସ୍ତୁତ କରିବେ ।**

**୨) ତାହାପରେ ଜଙ୍ଗଲ ଅଧିକାର କମିଟି ଦାବି ସଂକ୍ରାନ୍ତୀୟ ତଦନ୍ତର ଫଳାଫଳକୁ ନଥିଭୁକ୍ତ କରି ବିଚାର ନିମନ୍ତେ ଗ୍ରାମସଭା ସମ୍ମୁଖରେ ଉପସ୍ଥାପିତ କରିବେ ।**

ପୁନଶ୍ଚ ନିୟମ ୪(୩) ଏବଂ ୧୨(୪)ରେ ଉଲ୍ଲେଖିତ ହୋଇଛି ଯେ, ଗ୍ରାମସଭା ଓ ଜଙ୍ଗଲ ଅଧିକାର କମିଟିକୁ ଉପରୋକ୍ତ କାର୍ଯ୍ୟ ସମ୍ପାଦନ କରିବା ଦିଗରେ ସରକାରୀ କର୍ମଚାରୀ ଆବଶ୍ୟକୀୟ ସହାୟତା ଯୋଗାଇ ଦେବେ ।

୭. ଗ୍ରାମସଭା ଓ ଜଙ୍ଗଲ ଅଧିକାର କମିଟିକୁ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମ, ୨୦୦୭ରେ ଉଲ୍ଲେଖିତ ତଦନ୍ତ ପ୍ରକ୍ରିୟାରେ, ମୁଖ୍ୟତଃ ଭାବେ ନିୟମ ୧୨(୧)(ଙ)ରେ ଥିବା ନକ୍ସା ପ୍ରସ୍ତୁତି କ୍ଷେତ୍ରରେ ସାହାର୍ଯ୍ୟ କରିବା ନିମନ୍ତେ ଏହି ବିଭାଗ ଦ୍ୱାରା ତା ୦୭.୧୧.୨୦୦୮ରିଖରେ ଏକ ପତ୍ର (ସଂଖ୍ୟା – ୩୮୮୪୮) ଜାରି କରାଯାଇଛି । ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଅବସର ପ୍ରାପ୍ତ ଆର୍.ଆଇ/ଅମିନ ନିଯୁକ୍ତି କରାଯିବ ଯେଉଁମାନେ କି ଗ୍ରାମସଭା ଓ ଜଙ୍ଗଲ ଅଧିକାର କମିଟିକୁ ଦାବି ଯାଞ୍ଚ ପ୍ରକ୍ରିୟାରେ ଆବଶ୍ୟକୀୟ ସହଯୋଗ ପ୍ରଦାନ କରିବେ, ଯଦ୍ୱାରା ଦାବି ସଂକ୍ରାନ୍ତୀୟ ନିଷ୍ପତ୍ତିକୁ ଯଥା ସମ୍ଭବ ଶୀଘ୍ର ଚୂଡ଼ାନ୍ତ ରୂପରେଖ ଦେଇ ହେବ । ପରନ୍ତୁ, କିଛି ଅଞ୍ଚଳରେ ଆର୍.ଆଇ/ଅମିନ/ବନପାଳମାନଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ ସମୟରେ ନିମ୍ନଲିଖିତ ବିଚ୍ୟୁତିମାନ ପରିଲକ୍ଷିତ ହୋଇଛି:

- **ଜଙ୍ଗଲ ଅଧିକାର କମିଟିର ସଦସ୍ୟ ତଥା ଗ୍ରାମସଭାକୁ ତଦନ୍ତ ଓ ନକ୍ସା ପ୍ରସ୍ତୁତି ପ୍ରକ୍ରିୟାରେ ଆର୍.ଆଇ/ଅମିନ/ ବନପାଳମାନେ ସାମିଲ ନକରି ସ୍ୱାଧିନଭାବେ ପ୍ରସ୍ତୁତ କରୁଛନ୍ତି । ପୁନଶ୍ଚ, ସେମାନଙ୍କ ଦ୍ୱାରା ପ୍ରସ୍ତୁତ ତଦନ୍ତ ବିବରଣୀ ଓ ନକ୍ସାକୁ ଗ୍ରାମସଭା ସମ୍ମୁଖରେ ଉପସ୍ଥାପିତ ହୋଇନାହିଁ ।**
- **ଗ୍ରାମସଭାର ବିନାନୁମୋଦନରେ କ୍ଷେତ୍ରସ୍ତରୀୟ ଯାଞ୍ଚ ବିବରଣୀ ଓ ନକ୍ସାକୁ ଆର୍.ଆଇ/ଅମିନ/ ବନପାଳମାନେ ସିଧାସଳଖ ଉପଖଣ୍ଡସ୍ତରୀୟ କମିଟିକୁ ପ୍ରେରଣ କରୁଛନ୍ତି ।**
- **ଏହା ମଧ୍ୟ ପ୍ରତୀତ ହୋଇଛି ଯେ, କ୍ଷେତ୍ରୀୟସ୍ତରୀୟ ଯାଞ୍ଚ ସମୟରେ ନିଯୁକ୍ତ ଆର୍.ଆଇ/ଅମିନମାନେ ବେଆଇନ୍ ଭାବେ ଦାବୀଦାର୍‌ମାନଙ୍କ ନିକଟରୁ ଅର୍ଥ ଦାବୀ କରୁଛନ୍ତି ।**

୩. ଏହା ଜଣାଇ ଦିଆଯାଉଛି ଯେ, ଏପରି କୌଣସି କାର୍ଯ୍ୟକୁ ଗ୍ରାମସଭାର ଅଧିକାର ଓ କ୍ଷମତାର ଉଲଙ୍ଘନ ରୂପେ ବିବେଚନା କରାଯିବ ଓ ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଆଇନ୍‌ର ଧାରା ୭ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ।

୪. ଏଣୁ ଅନୁରୋଧ କରାଯାଉଛି କି, ଏହାକୁ ସୁନିଶ୍ଚିତ କରିବା ଦରକାର ଯେ, ଆର୍.ଆଇ/ଅମିନ/ବନପାଳଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଯାଞ୍ଚ ବିବରଣୀ ଓ ନକ୍ସା ଗ୍ରାମସଭାରେ ଉପସ୍ଥାପିତ ଓ ଗୃହୀତ ହୋଇଅଛି । ଏଥିସହ ମୁଁ ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଚାହେଁ ଯେ, ଉପଖଣ୍ଡସ୍ତରୀୟ କମିଟି ଏପରି କୌଣସି ନଥିପତ୍ର/ନକ୍ସା ଗ୍ରହଣ କରିବା ଦର୍‌କାର ନାହିଁ, ଯେଉଁଥିରେ ଗ୍ରାମସଭା ଅନୁମୋଦନ ସଂକ୍ରାନ୍ତୀୟ ନଥିପତ୍ର ଯଥା – ଗ୍ରାମସଭା ଆହ୍ୱାନ ସମ୍ବନ୍ଧୀୟ ନୋଟିସ୍, ଗ୍ରାମସଭା ବିବରଣୀ ଓ ଅନୁମୋଦନ ଚିଠି ସଂଯୁକ୍ତ ହୋଇନାହିଁ । ପୁନଶ୍ଚ ଅନୁରୋଧ କରେ କି, ଜାରି ହୋଇଥିବା ଏହି ନିର୍ଦ୍ଦେଶାବଳୀ ସଂପର୍କରେ ଜିଲ୍ଲା/ଉପଖଣ୍ଡ/ଜଙ୍ଗଲ ଅଧିକାର କମିଟିର ସମସ୍ତ ସଦସ୍ୟ ଏବଂ କ୍ଷେତ୍ରସ୍ତରୀୟ ପଦାଧିକାରୀମାନଙ୍କୁ (ବନଖଣ୍ଡ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଏବଂ ତହସିଲ୍‌ଦାର୍) ଅବଗତ କରାଇବେ ।

ଆପଣଙ୍କର

(ବିନୋଦ କୁମାର)

## ବିଶେଷ ଦ୍ରଷ୍ଟବ୍ୟ

ଏହା ମୂଳ ସରକାରୀ ନିର୍ଦ୍ଦେଶନାମାର ଆକ୍ଷରିକ ଅନୁବାଦ ଅଟେ ନାହିଁ କିନ୍ତୁ ନିର୍ଦ୍ଦେଶନାମାର ମୂଳ ଭାବାର୍ଥକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ପ୍ରୟାସ କରାଯାଇଅଛି । ଆପଣମାନଙ୍କୁ ବିଶେଷ ଅନୁରୋଧ ଉକ୍ତ ସରକାରୀ ନିର୍ଦ୍ଦେଶନାମାକୁ ବହୁଳ ଭାବରେ ପ୍ରଚାରପ୍ରସାର କରନ୍ତୁ ।


VASUNDHARA
democratising natural resource governance
ବସୁନ୍ଧରା
ପ୍ଲଟ୍ ନଂ: ଏ/୭୨, ଶହିଦ୍ ନଗର, ଭୁବନେଶ୍ୱର
ଫୋନ୍ ଓ ଫ୍ୟାକ୍ସ ନଂ – ୦୬୭୪ – ୨୫୪୨୦୧୧/୦୧୨/୦୨୮
ଜଙ୍ଗଲ ଅଧିକାର ସହାୟତା ନଂ – ୧୮୦୦ ୩୪୫୬ ୭୭୧